# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 August - 2024**

**News Editor : *Itishree Singh Rathaur***

# ମୁଖ୍ୟମନ୍ତ୍ରୀ-କୋଲ୍‌ଫିଲ୍‌ଡ

କେନ୍ଦ୍ର କୋଇଲା ସଚିବ ଅମ୍ରିତଲାଲ ମୀନା ଗତକାଲି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମହାନଦୀ କୋଲ୍‌ଫିଲ୍‌ଡ ଲିମିଟେଡ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ କୋଇଲା ରାଷ୍ଟ୍ରୀୟ ଉଦ୍ୟୋଗ ଗୁଡ଼ିକରେ ସ୍ଥାନୀୟ ଯୁବକ ଯୁବତୀଙ୍କ ନିଯୁକ୍ତି ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହାଛଡ଼ା ତାଳଚେର ମେଡ଼ିକାଲ କଲେଜକୁ ଏମ୍‌ସିଏଲ୍ ସହଯୋଗରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବା ସହିତ କମ୍ପାନୀ ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ସ୍ଥାନୀୟ ଅଞ୍ଚଳର ବିକାଶ କରିବା ଉପରେ ପଦକ୍ଷେପ ନେବାକୁ ଶ୍ରୀ ମାଝୀ କହିଛନ୍ତି ।

ଆଲୋଚନା ସମୟରେ ଶ୍ରୀ ମୀନା କହିଛନ୍ତି ଦେଶର ସମୁଦାୟ କୋଇଲା ଉତ୍ପାଦନରୁ ୨୦ ପ୍ରତିଶତ କୋଇଲା କେବଳ ଓଡ଼ିଶାରୁ ଉତ୍ପାଦିତ ହେଉଥିବାରୁ ରାଜ୍ୟର ବିକାଶରେ ମନ୍ତ୍ରଣାଳୟର ପ୍ରତିବଦ୍ଧତା ରହିଛି ଏବଂ ଏ ସଂପର୍କରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି ବୋଲି ଶ୍ରୀ ମୀନା କହିଛନ୍ତି । ତାଳଚେର ମେଡ଼ିକାଲ କଲେଜକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବା

ସହିତ ଏଥିଲାଗି ସବୁପ୍ରକାର ସହଯୋଗ ଯୋଗାଇ ଦେବାକୁ ଶ୍ରୀ ମୀନା ମୁଖ୍ୟମନ୍ତ୍ରୀଙ୍କୁ  ପ୍ରତିଶ୍ରୁତି ଦେଇଛନ୍ତି । ଏହାଛଡ଼ା ଓଡ଼ିଶାରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ପ୍ରଦୂଷଣ ଯଥାସମ୍ଭବ ହ୍ରାସ କରାଯିବା ସହ ବିଭିନ୍ନ ପ୍ରକଳ୍ପ ଓ ନୂତନ ପ୍ରକଳ୍ପ ସଂପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।  ରାଜ୍ୟରେ ବ୍ୟବହୃତ ଖଣିର ବ୍ୟାକ୍ ଫିଲିଂ ଓ ପୁନରୁଦ୍ଧାର ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ସେହିଭଳି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ଲାଗି ଏମ୍‌ସିଏଲ୍ ପାଣ୍ଠି ଯୋଗାଇଦେବ ବୋଲି ଜଣାପଡ଼ିଛି ।

# ସୌର ବିଦ୍ୟୁତ୍ ପ୍ଲାଣ୍ଟ

ପୂର୍ବତଟ ରେଳପଥ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୪୯ଟି ଷ୍ଟେସନରେ ସୌର ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ୨୪୮ ସେବା ବିଲ୍ଡିଂ ଓ ୬ ହଜାର ୯୨୪ଟି ଆବାସିକ ବିଲ୍ଡିଂ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ଏଥିସହିତ ୩୬୬ ଲେବୁଲ କ୍ରସିଂ ଗେଟ୍‌ରେ ମଧ୍ୟ ସୌରଶକ୍ତି ସୁବିଧା ରହିବ । ଏଥିଲାଗି ପୂର୍ବତଟ ରେଳପଥ ପକ୍ଷରୁ ପ୍ରାୟ ୮୩ କୋଟି ୭୯ ଲକ୍ଷ ଟଙ୍କାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାଦ୍ୱାରା ସବୁଠାରୁ ଅଧିକ ଖରା ହେବା ସମୟରେ ୨୧ ହଜାର ୮୨୬ କେ.ଡବ୍ଲୁ.ପି. ସୌରଶକ୍ତି ଉତ୍ପାଦନ ନେଇ ଯୋଜନା ରହିଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ଏହାଦ୍ୱାରା ବର୍ଷକୁ ପ୍ରାୟ ୧୪ କୋଟି ଟଙ୍କାର ବିଜୁଳି ବିଲ୍ ସଂଚୟ କରାଯାଇ ପାରିବ । ରେଳ

ମନ୍ତ୍ରଣାଳୟର ସବୁଜ ପଦକ୍ଷେପ ନୀତି ଅନୁଯାୟୀ ପୂର୍ବତଟ ରେଳବାଇ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

## ଜଳ ଯୋଗାଣ

ଜନସାଧାରଣଙ୍କୁ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଉପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ଓଡ଼ିଶା ଜଳ ନିଗମର କାର୍ଯ୍ୟଶୈଳୀ ଓ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ ସେ ଏହା କହିଛନ୍ତି । ଡକ୍ଟର ମହାପାତ୍ର କହିଛନ୍ତି ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ବିଶୁଦ୍ଧ ପାନୀୟ ଜଳ ଏକ ମୌଳିକ ଆବଶ୍ୟକତା ହୋଇଥିବା ଦୃଷ୍ଟିରୁ ଏହାର ପ୍ରାଥମିକତା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟରେ ଜଳ ଯୋଗାଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ କ୍ରମବର୍ଦ୍ଧିଷ୍ଣୁ ଜଳର ଆବଶ୍ୟକତା ପୂରଣ କରିବା ଦିଗରେ ସମସ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ଆସନ୍ତା ୧୨ ତାରିଖ ସୋମବାର ଦିନ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ଏହି ଅଭିଯୋଗ ଶୁଣାଣିର ପରବର୍ତ୍ତୀ ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଜିଲ୍ଲାପାଳ ବଦଳି

ରାଜ୍ୟ ସରକାର ଜିଲ୍ଲାପାଳ ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି । ତୃଣମୂଳ ସ୍ତରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ କରିବା ଉଦ୍ଦେଶ୍ୟରେ ୨୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ବଦଳି କରାଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି ।

## ସାକ୍ଷରତା ଶିବିର

ଗଞ୍ଜାମ ଜିଲ୍ଲାର ଛତ୍ରପୁରଠାରେ ଏକ ଆର୍ଥିକ ସାକ୍ଷରତା ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା, ସୁରକ୍ଷିତ ସଂଚୟ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା ଓ ରାଜ୍ୟ ସରକାରଙ୍କ ସ୍ୱଳ୍ପ ସଂଚୟ ଯୋଜନା ଉଠାଣ ସଂପର୍କରେ ଏହି ଶିବିରରେ ଆଲୋଚନା କରାଯାଇଥିଲା । ଡାକ ବିଭାଗ, ବୀମା ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗ ଦେଇଥିବା ଅଙ୍ଗନବାଡ଼ି କର୍ମୀ ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସ୍ୱଳ୍ପ ସଂଚୟ ଯୋଜନାର ଲାଭଗୁଡ଼ିକ ସଂପର୍କରେ ଅବଗତ କରାଇଥିଲେ ।

## ସୌର ବିଦ୍ୟୁତ୍ ପ୍ଲାଣ୍ଟ

ପୂର୍ବତଟ ରେଳପଥ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୪୯ଟି ଷ୍ଟେସନରେ ସୌର ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ୨୪୮ ସେବା ବିଲ୍ଡିଂ ଓ ୬ ହଜାର ୯୨୪ଟି ଆବାସିକ ବିଲ୍ଡିଂ ଏହି

ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ଏଥିସହିତ ୩୬୬ ଲେବୁଲ କ୍ରସିଂ ଗେଟ୍‌ରେ ମଧ୍ୟ ସୌରଶକ୍ତି ସୁବିଧା ରହିବ । ଏଥିଲାଗି ପୂର୍ବତଟ ରେଳପଥ ପକ୍ଷରୁ ପ୍ରାୟ ୮୩ କୋଟି ୭୯ ଲକ୍ଷ ଟଙ୍କାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାଦ୍ୱାରା ସବୁଠାରୁ ଅଧିକ ଖରା ହେବା ସମୟରେ ୨୧ ହଜାର ୮୨୬ କେ.ଡବ୍ଲୁ.ପି. ସୌରଶକ୍ତି ଉତ୍ପାଦନ ନେଇ ଯୋଜନା ରହିଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ଏହାଦ୍ୱାରା ବର୍ଷକୁ ପ୍ରାୟ ୧୪ କୋଟି ଟଙ୍କାର ବିଜୁଳି ବିଲ୍ ସଂଚୟ କରାଯାଇ ପାରିବ । ରେଳ ମନ୍ତ୍ରଣାଳୟର ସବୁଜ ପଦକ୍ଷେପ ନୀତି ଅନୁଯାୟୀ ପୂର୍ବତଟ ରେଳବାଇ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

## ପରୀକ୍ଷା ଫଳ

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଓଡ଼ିଆ ଏକକ ଭାଷା ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି । ଦଶମ ଓ ଅଷ୍ଟମ ଶ୍ରେଣୀର ହୋଇଥିବା ପରୀକ୍ଷା ଫଳ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଛି । ଦଶମ ଶ୍ରେଣୀ ପରୀକ୍ଷାର ପାସ୍ ହାର ୯୧ ପ୍ରତିଶତ ଓ ଅଷ୍ଟମର ପାସ୍ ହାର ୮୯ ଦଶମିକ ୨/୩ ପ୍ରତିଶତ ରହିଛି । କୃତୀ ପରୀକ୍ଷାର୍ଥୀମାନେ ଅନ୍‌ଲାଇନରେ ସାର୍ଟିଫିକେଟ୍ ପାଇବା ଲାଗି ବୋର୍ଡ ପକ୍ଷରୁ ଏକ ହ୍ୱାଟ୍‌ସଆପ୍ ନମ୍ବର 8058911911 ଜାରି କରାଯାଇଛି ।

## ଶିଶୁ କଳାକାର

ଏଣିକି ଶିଶୁ କଳାକାରଙ୍କୁ ବିଭିନ୍ନ ଧାରାବାହିକ, ଚଳଚ୍ଚିତ୍ର, ଯାତ୍ରା ଆଦିରେ ଅଭିନୟ କରାଇବାକୁ ହେଲେ ପ୍ରଯୋଜକମାନଙ୍କୁ ସଂପୃକ୍ତ ଜିଲ୍ଲାର

ଜିଲ୍ଲାପାଳଙ୍କ ନିକଟରୁ ଅନୁମତି ନେବାକୁ ପଡ଼ିବ । ଏଥିସହିତ ସଂପୃକ୍ତ ଶିଶୁକଳାକାରଙ୍କ ଅଭିଭାବକଙ୍କଠାରୁ ସମ୍ମତିପତ୍ର ଆଣିବାକୁ ପଡ଼ିବ। ନଚେତ ସଂପୃକ୍ତ ପ୍ରଯୋଜକଙ୍କ ବିରୁଦ୍ଧରେ ଆଇଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ମାର୍ଗଦର୍ଶିକାରେ ପ୍ରାୟ ୨୮ଟି ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । କୌଣସି କାର୍ଯ୍ୟକ୍ରମରେ ଶିଶୁ କଳାକାର ଯେଭଳି ଅବହେଳା, ଶୋଷଣ ଓ ଯୌନ ନିର୍ଯାତନାର ଶିକାର ନ ହେବେ, ସେଥିପ୍ରତି ସଂପୃକ୍ତ ପ୍ରଯୋଜକ ଓ ନିର୍ଦ୍ଦେଶକ ଧ୍ୟାନ ଦେବାକୁ କୁହାଯାଇଛି ।

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଓଡ଼ିଶା ଓ ଝାଡ଼ଖଣ୍ଡ ଉପରେ ସମାନ୍ତରାଳ ଭାବେ ରହିଛି । ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସଂପୃକ୍ତ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏଥିସହିତ ଦୀଘା ଦେଇ ମୌସୁମୀ ଟ୍ରଫ ମଧ୍ୟ ଅତିକ୍ରମ କରିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି । ଗତ ୩୬ ଘଣ୍ଟା ମଧ୍ୟରେ କଟକର ବାଙ୍କୀରେ ୩୧୭ ମିଲିମିଟର ଓ ନୟାଗଡ଼ର ଭାପୁରରେ ୨୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆଜି ସୁନ୍ଦରଗଡ଼, ଝାରସୁଗୁଡ଼ା,

ବରଗଡ଼, ସୋନପୁର ଓ ବଲାଙ୍ଗୀର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସବୁ ଜିଲ୍ଲାଗୁଡ଼ିକ ଲାଗି ସତର୍କ ସୂଚନା ଜାରି କରାଯାଇଛି ।